## ଧାନମଣ୍ଡି ଖୋଲିଲା

ରଘୁନାଥପୁର, (ଡି.ଏନ୍.ଏ.)- ରଘୁନାଥପୁର ବ୍ଲକ ଛପଡ଼ା କୃଷି ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସହସମ୍ପାଦକ ସନ୍ତୋଷ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଚାଷୀ ପ୍ରମୋଦ ମହାନ୍ତି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଧାନ ବିକ୍ରି ପାଇଁ ଏରଡଙ୍ଗା, ବିଦ୍ୟାଧରପୁର ଓ ଛପଡ଼ା ପଞ୍ଚାୟତର ୫୮୮ ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ହେମନ୍ତ ଦାସ, ସରପଞ୍ଚ ବିଜୟ ସ୍ୱାଇଁ, ସମିତି ସଭ୍ୟା କାଦମ୍ବିନୀ ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇତିଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# କଂଗ୍ରେସ ପାଇଁ ସ୍ଥିତି ସୁଧାରିବାକୁ ସୁଯୋଗ

ଯାଜପୁର ଅଫିସ,୧୪।୧

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

- ୭.୬% ଭୋଟବ୍ୟାଙ୍କରୁ ଆରମ୍ଭ କରିବ ପ୍ରଚାର
- ଲୋକଙ୍କ ସମସ୍ୟା ପ୍ରତି ଅଣଦେଖା



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଉ ୨ଦିନ ପରେ ଆରମ୍ଭ ହେବ। ଏହି ନିର୍ବାଚନର ଫଳାଫଳ ୨୦୨୪ ସାଧାରଣ ନିର୍ବାଚନର ଦର୍ପଣ ସାଜିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଏପରି କି ରାଜନୈତିକ ଦଳଗୁଡ଼ିକ ପାଇଁ ପ୍ରତିକୂଳ କିମ୍ବା ଅନୁକୂଳ ପରିବେଶ ସୃଷ୍ଟି କରିପାରେ। ତେଣୁ ବଛାବଛା ପ୍ରାର୍ଥୀ ଦେଇ ନିଜ ଦଳର ଭୋଟ ସ୍ଥିତିରେ ଉନ୍ନତି ଆଣିବା ନେତାମାନଙ୍କ ପ୍ରାଥମିକତା ହେବ ବୋଲି କୁହାଯାଉଛି। ଏଭଳିସ୍ଥିତିରେ ଯାଜପୁର ଜିଲାରେ କଂଗ୍ରେସ ପାଇଁ ସ୍ଥିତି ସୁଧାରିବାକୁ ସୁଯୋଗ ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେମାନଙ୍କ କହିବାନୁଯାୟୀ ବିଜେଡିରେ ସମ୍ଭାବ୍ୟ ନୂଆପୁରୁଣା କନ୍ଦଳ ଏବଂ ଭାଜପାରେ କେତେଜଣ ତୁଙ୍ଗ ନେତାଙ୍କ ଦଳ ଡିଆଁର ଯଦି ଉପଯୁକ୍ତ ସୁଯୋଗ ନେଇ ପାରିବ ତେବେ କଂଗ୍ରେସ ପୂର୍ବାବସ୍ଥାକୁ ଫେରି ଆସିପାରେ।

ଯାଜପୁରରେ ୬୦ ବର୍ଷର ପୁରୁଣା ହିସାବକୁ ଓଲଟାଇଲେ କଂଗ୍ରେସର ଭୋଟ ୬୨%ରୁ ପ୍ରାୟ ୮%କୁ ଖସି ଆସିଛି। କଂଗ୍ରେସ ପ୍ରାୟ ୫୫% ଭୋଟ ହାତଛଡ଼ା କରି ଜିଲାର ପ୍ରାୟ ସମସ୍ତ ଆସନରେ ସଂଘର୍ଷ କରି ଆସୁଛି। ୨୦ ବର୍ଷ ପୂର୍ବରୁ ୪୫% ଭୋଟ ହାସଲ କରି ପାରିଥିବା କଂଗ୍ରେସ ୨୦୧୭ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଆସନରେ ଖାତା ଖୋଲି ପାରି ନ ଥିଲା। କେବଳ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଭୋଟବ୍ୟାଙ୍କ ମାତ୍ର ୭.୬% ରହିଥିଲା। ଅନ୍ୟପକ୍ଷେ ଏହି ନିର୍ବାଚନରେ ବିଜେଡି ୪୯.୮୧% ଓ ଭାଜପା ଲମ୍ଫଡିଆଁ ମାରି ୪୦.୫%କୁ ଉନ୍ନୀତ ହୋଇଥିଲା। ବିଜେଡି ୨୦୧୭ ନିର୍ବାଚନ ଅପେକ୍ଷା ୨୦୧୯ ସାଧାରଣ ନିର୍ବାଚନରେ ମାତ୍ର ୧ ପ୍ରତିଶତ ଭୋଟ ହରାଇଥିଲା। କଂଗ୍ରେସର ଦୁର୍ବଳ ନେତୃତ୍ୱର ସୁଯୋଗ ନେଇ ଭାଜପା ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। କଂଗ୍ରେସର ଏଭଳି ସ୍ଥିତି ଦେଖି ବହୁ ଟାଣୁଆ ନେତା ବିଜେଡି କିମ୍ବା ଭାଜପାରେ ମିଶି ନିଜର ରାଜନୈତିକ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ଉଦ୍ୟମ କରୁଛନ୍ତି। ଜିଲାରେ କଂଗ୍ରେସରୁ ୧୯୯୫ରେ ୨ ଜଣ ଏବଂ ୨୦୦୪ରେ ଜଣେ ବିଧାୟକ ଶେଷ ଥର ପାଇଁ ନିର୍ବାଚିତ ହୋଇଥିଲେ। ୧୯୯୭ରେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀକୁ ଶେଷ ଥର ପାଇଁ କଂଗ୍ରେସ ଅକ୍ତିଆର କରି ପାରିଥିଲା। ଦଳରେ ଗୋଷ୍ଠୀ କନ୍ଦଳ ଏହାର ପ୍ରମୁଖ କାରଣ ବୋଲି ସେତେବେଳେ ଚର୍ଚ୍ଚା ହେଉଥିଲା।

ଜିଲାରେ ଅନେକ ସରକାରୀ ଯୋଜନାରେ ଅର୍ଥ ହରିଲୁଟ, ଉନ୍ନୟନ କାର୍ଯ୍ୟରେ ଅନିୟମିତତା, ଶିଳ୍ପ ସମୃଦ୍ଧ ଜିଲା ହୋଇଥିଲେ ହେଁ ସ୍ଥାନୀୟ ନିଯୁକ୍ତି ଉପେକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ କଂଗ୍ରେସ ଆଖି ବୁଜି ଦେଇଛି। ବେକାର ଯୁବତୀଯୁବକ କିମ୍ବା ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟା ନେଇ ପ୍ରଭାବୀ ଢଙ୍ଗରେ କଂଗ୍ରେସ ସ୍ୱର ଉତ୍ତୋଳନ କରିପାରୁନାହିଁ। ଏହି କ୍ରମରେ କଂଗ୍ରେସ କର୍ମୀମାନେ ଲୋକଙ୍କ ଆସ୍ଥାଭାଜନ ହୋଇ ପାରୁ ନ ଥିବାରୁ ଭୋଟ ଦ୍ରୁତଗତିରେ ହ୍ରାସ ପାଉଛି। ଏବେ ମାତ୍ର ୭.୬% ଭୋଟବ୍ୟାଙ୍କ ସହାୟତାରେ ଲୋକଙ୍କ ନିକଟତର ହେବାକୁ କଂଗ୍ରେସ ଉଦ୍ୟମ ଜାରି ରଖିଛି। ଇତିମଧ୍ୟରେ ଯାଜପୁର ଜିଲାର ବନ୍ଦିତା ପରିଡ଼ା ରାଜ୍ୟ ମହିଳା କଂଗ୍ରେସର ମଙ୍ଗ ଧରିଛନ୍ତି। ତାଙ୍କ ନେତୃତ୍ୱରେ ଜିଲା ମହିଳା କଂଗ୍ରେସ ଠିଆ ହେବାକୁ ଉଦ୍ୟମ କରୁଛି। ଅନ୍ୟପକ୍ଷେ ଧର୍ମଶାଳାରେ ମହିଳା କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ଭାଜପାରେ ମିଶିଛନ୍ତି। ସେ ଭାଜପାର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ାଙ୍କ ସ୍ଥାନ ନେବେ ବୋଲି ଚର୍ଚ୍ଚା ହେଉଛି। ଜିଲାର ଅଧିକାଂଶ ସ୍ଥାନରେ ବିଜେଡି ଓ ବିଜେଡି ଅସନ୍ତୁଷ୍ଟ ମଧ୍ୟରେ ମୁକାବିଲା ସୁନିଶ୍ଚିତ ବୋଲି ରାଜନୈତିକ ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। ତେବେ ବିଜେଡିରେ ମୁଣ୍ଡ ଟେକୁଥିବା ପୁରୁଣା ନୂଆ କର୍ମୀଙ୍କ ଭିତିରିଆ ଲଢେଇ ଏବଂ ଭାଜପାର ସାଙ୍ଗଠନିକ ନେତୃତ୍ୱ ହ୍ରାସର ସୁଯୋଗ ନେଇ ଅକ୍ଳାନ୍ତ ପରିଶ୍ରମ କଲେ କଂଗ୍ରେସ ଜିଲାରେ ତା'ର ପୂର୍ବ ଗୌରବକୁ ଫେରିପାଇବ ବୋଲି ଆଲୋଚନା ହେଉଛି।

## ସଂକ୍ଷେପରେ

### ଶ୍ରୀଦଧିବାମନ ଜୀଉଙ୍କ ଦର୍ଶନ କଲେ ଶ୍ରଦ୍ଧାଳୁ

**କେନ୍ଦ୍ରାପଡ଼ା ଅଫିସ, ୧୪।୧:** କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟସ୍ଥ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନ ଜୀଉଙ୍କ ମକର ସଂକ୍ରାନ୍ତି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ଦର୍ଶନ ପାଇ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପ୍ରାତଃସ୍ନାନ, ମଙ୍ଗଳ ଆଳତି, ଅବକାଶ, ମଇଲମ, ସୂର୍ଯ୍ୟପୂଜା ପରେ ପ୍ରଥମ ପ୍ରହର ଭୋଗ ଲାଗି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ବିଜେ କରାଯାଇ ମକର ପରିକ୍ରମା ହୋଇଥିଲା। ଶ୍ରୀଜୀଉଙ୍କ ଏହି ସ୍ୱତନ୍ତ୍ର ନୀତି ସମ୍ପର୍କରେ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର କୁହନ୍ତି, ସୂର୍ଯ୍ୟପୁତ୍ର ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧାନ୍ୱିତ ହୋଇଥିଲେ। କ୍ରୋଧ ଶାନ୍ତ ଉଦ୍ଦେଶ୍ୟରେ ସୂର୍ଯ୍ୟ ଦେବତା ଆଜିର ତିଥିରେ ଶନିଙ୍କ ଗୃହକୁ ପ୍ରବେଶ କରିଥିଲେ। ସେହିପରି ମହାଭାରତ ଯୁଦ୍ଧର ମହାନ୍ ଯୋଦ୍ଧା ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ନିଜର ଦେହ ତ୍ୟାଗ ପାଇଁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିକୁ ଅପେକ୍ଷା କରିଥିଲେ। ଏହି ତିଥିରେ ସୂର୍ଯ୍ୟଙ୍କ ଉତ୍ତରାୟଣ ହୋଇଥିଲା। ଶ୍ରୀଜୀଉଙ୍କ ଏହି ପର୍ବ କୃଷି ଭିତ୍ତିକ। ଅମଳ ସରିଥିବା ଧାନରୁ ନୂତନ ଚାଉଳ, ନୂତନ ଗୁଡ଼, ଘିଅ, କ୍ଷୀର ଓ ଛେନାରେ ମକର ଚାଉଳ ପ୍ରସ୍ତୁତ କରାଯାଇ ଶ୍ରୀଜୀଉଙ୍କୁ ଅର୍ପଣ କରାଯାଏ। ଏଥିସହ ରାଜ ଭୋଗ ଭାବେ ପୋଡ଼ପିଠା ହୁଏ।

### ଭାଜପାରେ ମିଶିଲେ ଶତାଧିକ କର୍ମୀ

**ପାରାଦୀପ,୧୪।୧(ସ୍ୱ.ପ୍ର.):** ପାରାଦୀପ ନିର୍ବାଚନ ମଣ୍ଡଳୀର ଶତାଧିକ ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପାରାଦୀପ ଉପକଣ୍ଠ ଜିରୋ ପଏଣ୍ଟଠାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଗଡ଼ପଞ୍ଚାୟତର ପୂର୍ବତନ ସରପଞ୍ଚ ସସ୍ମିତା ବେହେରା, ବିଷ୍ଣୁ ଚରଣ ସାହୁ, ସଞ୍ଜୟ ବେହେରା, ବାବାଜୀ ମହାରଥା ଓ ମନୋଜ ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ ବୋଲି ଦଳୀୟ ନେତା ସମ୍ପଦ ସ୍ୱାଇଁ ସୂଚନା ଦେଇଛନ୍ତି। ମିଶ୍ରଣ ପର୍ବରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

**ପାରାଦୀପ,୧୪।୧(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବାରଗଡ଼ ଛକରେ ଗୁରୁବାର ଦୁର୍ଘଟଣାରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ବାଲିଡିଆ ଗ୍ରାମର ନିମାଇଁ ବେଉରା (୫୮)। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ବେଉରାଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୩/୨୨) ରୁଜୁ କରିଛି।

### ରମେଶ ପରିଡ଼ା ରାଜ୍ୟ ବିଜେଡି ସମ୍ପାଦକ ନିଯୁକ୍ତ

**ଧର୍ମଶାଳା,୧୪।୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ରମେଶ ପରିଡ଼ା(ତୁଷାର)ଙ୍କୁ ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ ଓ ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ରମେଶଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ସୁବର୍ଣ୍ଣ ଜୟନ୍ତୀ

**ଜଗତ୍‌ସିଂହପୁର ଅଫିସ, ୧୪।୧:** ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଗାଁ ସତ୍ୟଭାମାପୁରଠାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତ୍‌ସିଂହପୁରର ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତିଙ୍କୁ ଓଡ଼ିଶା ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ସମ୍ବର୍ଦ୍ଧିତ କରିଛନ୍ତି। ପୂର୍ବରୁ ସେ ଭିକାରୀ ଚରଣ ପଣ୍ଡା ଆଡ୍‌ଭୋକେଟ୍ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ ସୁପ୍ରିମ୍‌କୋର୍ଟର ତତ୍କାଳୀନ ବିଚାରପତି ଅନଙ୍ଗ ପଟ୍ଟନାୟକ ଓ ତତ୍କାଳୀନ ଓଡ଼ିଶା ହାଇକୋର୍ଟ ବିଚାରପତି ବିମଳ ପ୍ରସାଦ ଦାସଙ୍କଠାରୁ ସମ୍ବର୍ଦ୍ଧିତ ହୋଇଥିଲେ। ଆଡ୍‌ଭୋକେଟ୍ ପ୍ରଫୁଲ୍ଲ ଧଳ ସ୍ମୃତି ସଂସଦ ତରଫରୁ ସ୍ୱର୍ଗତ ଧଳଙ୍କ ୨୧ତମ ଶ୍ରାଦ୍ଧଦିବସରେ ତତ୍କାଳୀନ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଜାଭେରୀଙ୍କଠାରୁ ମଧ ସମ୍ବର୍ଦ୍ଧିତ ହୋଇଥିଲେ। ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ପକ୍ଷରୁ ତତ୍କାଳୀନ ହାଇକୋର୍ଟ ବିଚାରପତି ପ୍ରତାପ କିଶୋର ମିଶ୍ରଙ୍କଠାରୁ ଓ ୨୦୧୬ରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସରେ ମଧ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀବଳଦେବ ଜୀଉ ମନ୍ଦିରରେ ମକର ସଂକ୍ରାନ୍ତି



କେନ୍ଦ୍ରାପଡ଼ା ଅଫିସ, ୧୪।୧

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଦେବୀଦେବ ପୀଠରେ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହୋଇ ବଣ୍ଟନ ହୋଇଛି। ସେହିପରି କେତେକ ଧାର୍ମିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ସନ୍ଧ୍ୟାରେ ଶ୍ରୀଜୀଉ ମନ୍ଦିରର ସ୍ୱତନ୍ତ୍ର ନୀତି ନବାଙ୍କ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିଲା। ମା' ଲକ୍ଷ୍ମୀ ବାପ ଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ୫ ଥର ବେଢ଼ା ପରିକ୍ରମା କରିଥିଲେ। ମକର ସଂକ୍ରାନ୍ତିରେ ଅବଶିଷ୍ଟ ୪ ଥର ବେଢ଼ା ପରିକ୍ରମା ସହ ବାପ ଘରୁ ଆସିଥିବା ବ୍ୟଞ୍ଜନ ଶ୍ରୀଜୀଉଙ୍କୁ ଅର୍ପଣ କରିଥିଲେ। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପହଡ ଫିଟାଯାଇ ମଙ୍ଗଳ ଆଳତି ହୋଇଥିଲା। ନୀତି ସ୍ନାନ ପରେ ଗୋପାଳବଲ୍ଲଭ ଓ ପୂର୍ବାହ୍ନ ୯ଟାରେ ଖେଚୁଡ଼ି ଧୂପ ଲାଗି ହୋଇଥିଲା। ଅପରାହ୍ନରେ ନିସଙ୍କୁଡ଼ି ମକର ଚାଉଳ ଭୋଗ ଓ ସନ୍ଧ୍ୟାରେ ୮୪ ପ୍ରକାର ସଙ୍କୁଡ଼ି ଭୋଗ ଅର୍ପଣ କରାଯାଇଥିଲା। କୋଭିଡ୍-୧୯ର ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରୀଜୀଉଙ୍କ ମନ୍ଦିର ପରିସରର ୫୦୦ ମିଟର ଅଞ୍ଚଳ ପରିସୀମାରେ ସିଆରପିସି ଧାରା ୧୪୪ ଲାଗୁ ହୋଇଛି। ଏଥିପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ସତ୍ତ୍ୱେ ଏହି ଅଞ୍ଚଳକୁ ପୋଲିସ ପ୍ରଶାସନ ଅଟକାଇ ରଖିଥିଲେ।

## ବଡ଼ଚଣାରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ

ଯାଜପୁର ଅଫିସ,୧୪।୧

ଯାଜପୁର ଜିଲାର ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ ହୋଇଛି। ଏହିମର୍ମରେ ଆଇନଜୀବୀ ଉଦୟନାଥ ସାହୁ ଟୁଇଟ୍ ଯୋଗେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବ୍ଲକର ଦର୍ପଣ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଓ ଏହାର ଉଭୟ ପାର୍ଶ୍ୱର୍‌ରେ ଏବେ ବି ମାଳମାଳ ସରକାରୀ ହୋର୍ଡିଂ ଝୁଲି ରହିଥିବା ଦେଖିବାକୁ ମିଳିଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ ଓ ବଡ଼ଚଣା ବିଧାୟକଙ୍କ ଫଟୋ ସବୁ ରହିଛି। ଏପରିକି ମୁଖ୍ୟଦ୍ୱାରର ତୋରଣରେ ଶାସକ ଦଳର ଦଳୀୟ ପତାକା ମଧ ବନ୍ଧାଯାଇଥିବା ପରିଲକ୍ଷିତ ହେଉଛି। ନେତାମାନଙ୍କ ଫଟୋ ଥିବା ସରକାରୀ ହୋର୍ଡିଂ, ପୋଷ୍ଟର ହଟାଇବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଜାରି ହେବାର ୨ଦିନ ବିତିଯିବା ପରେ ମଧ ଯାଜପୁର ଜିଲାରେ ଯେ ଏଯାଏ ତାହାର ଅନୁପାଳନ କରାଯାଇ ନାହିଁ। କେବଳ ସେହି ଗୋଟିଏ ପଞ୍ଚାୟତ ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ଫଟୋ ସମ୍ବଳିତ ମିଶନ ଶକ୍ତି ଓ ବସୁଧା ଯୋଜନାର ହୋର୍ଡିଂ ଭୂଷଣ୍ଡପୁର ଓ ସିହା ସମେତ ବହୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରହିଛି।

## ପ୍ରାର୍ଥୀ ଚୟନ କସରତ ଜୋର୍‌ଦାର

ଜଗତ୍‌ସିଂହପୁର ଅଫିସ, ୧୪।୧

ଜିଲା ପରିଷଦ ଅଧ୍ୟକ୍ଷ, ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚ ଆଦି ପଦବୀ ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଯାଇଛି। ୧୭ ତାରିଖରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେଉଥିବାରୁ ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ବିଜେଡି, ଭାଜପା ଓ କଂଗ୍ରେସ ଶିବିରରେ ଜୋରଦାର ହୋଇଯାଇଛି। ନିଜ ସପକ୍ଷରେ ସଂଖ୍ୟା ଥିବା ଦର୍ଶାଇ ଆଶାୟୀମାନେ ନେତାଙ୍କ ନିକଟରେ ଲବି ଜୋର୍‌ଦାର କରିଛନ୍ତି। ଏଥିମଧ୍ୟରେ କିଛି ପଞ୍ଚାୟତରେ ଦଳୀୟ ସମର୍ଥିତ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇ ଯାଇଥିବାବେଳେ ଅଧିକାଂଶ ସ୍ଥାନରେ ବିବାଦ ଲାଗି ରହିଛି। ଏହି ବିବାଦ ବିଜେଡି କ୍ଷେତ୍ରରେ ଅଧିକ ଦେଖାଯାଉଛି। କାରଣ ବିଜେଡି ସମର୍ଥିତ ପ୍ରାର୍ଥୀ ହେବା ପାଇଁ ଅଧିକାଂଶ ଆଶାୟୀ ଥିବାରୁ ଦ୍ୱନ୍ଦ୍ୱ ବଢ଼ିଯାଇଛି। ନେତା ସେମାନଙ୍କ ମଧ୍ୟରେ ବୁଝାମଣା କରିବାରେ କିଛି ସ୍ଥାନରେ ସଫଳ ହେଉଥିଲେ ମଧ ଅନେକ ଜାଗାରେ ବିଫଳ ହେଉଛନ୍ତି। ତେଣୁ ପ୍ରତି ପଞ୍ଚାୟତରେ ବିଜେଡି ସମର୍ଥିତ ଏକାଧିକ ପ୍ରାର୍ଥୀ ହେବା ସମ୍ଭାବନା ରହିଛି। ଦଳୀୟ ନେତୃତ୍ୱ ସେମାନଙ୍କ ବିବାଦରେ ଛନ୍ଦି ନ ହେବା ଉଦ୍ଦେଶ୍ୟରେ ଯିଏ ଜିତିବେ ସେ ତାଙ୍କର ବୋଲି କହୁଛନ୍ତି । ଅନ୍ୟ ପକ୍ଷରେ ଆଶାୟୀମାନେ ଗାଁଗୁଡ଼ିକରେ ଭୋଜିଭାତ କରି ସମର୍ଥନ ଜୁଟାଇବା ଆରମ୍ଭ କଲେଣି। ଏ ପରିସ୍ଥିତିରେ କୋଭିଡ୍-୧୯ ନିର୍ଦ୍ଦେଶନାମା ପାଳନପୂର୍ବକ ନିର୍ବାଚନ କିପରି ହେବ ସେନେଇ ସନ୍ଦେହ ସୃଷ୍ଟି ହୋଇଛି।

## ପାଚେରି ନିର୍ମାଣକୁ ବିରୋଧ ମାମଲାରେ ୧୩ ଗିରଫ

ଧର୍ମଶାଳା/ଜେନାପୁର,୧୪।୧ (ଡି.ଏନ.ଏ.)

### ମେଗା ପାନୀୟ ଜଳ ପ୍ରକଳ୍ପ

ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତର ବାଲିକୁଦିଆରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଚେରି ନିର୍ମାଣ କାର୍ଯ୍ୟକୁ ବିରୋଧ ମାମଲାରେ ପୋଲିସ ଶୁକ୍ରବାର ୧୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିକୁଦିଆ ଗ୍ରାମର ରମେଶ ମଲିକ, ପ୍ରତାପ ମଲିକ, ଘୁଷୁରିଆ ମଲିକ, ସୁରେଶ ମଲିକ, କାବୁଲା ମଲିକ, ପ୍ରଫୁଲ୍ଲ ମଲିକ, ବିଦ୍ୟାଧର ମଲିକ, ଆର୍ତ୍ତ ମଲିକ, ଧୀର ମଲିକ, ରାହାସ ମଲିକ, ପ୍ରମୋଦ ମଲିକ, ରମେଶ ମଲିକ ଓ ସନାତନ ମଲିକ। ଏମାନଙ୍କୁ ଗୁରୁବାର ରାତିରେ ଗିରଫ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

୧୧ ତାରିଖରେ ପାନୀୟ ଜଳ ପ୍ରକଳ୍ପର ପାଚେରି ନିର୍ମାଣକୁ ସ୍ଥାନୀୟ ଦଳିତ ସାହି ଲୋକେ ବିରୋଧ କରିଥିଲେ। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଓ ଥାନା ଅଧିକାରୀ ଉମାକାନ୍ତ ନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ତହସିଲଦାର ଓ ମେଗା ପାନୀୟ ଜଳ ପ୍ରକଳ୍ପ ଅଧିକାରୀ ପୁରୁଷୋତ୍ତମ ରାଓ ଉତ୍ୟକ୍ତ ଲୋକଙ୍କୁ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ କରି ଲୋକେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀର ଗାଡ଼ି ଭଙ୍ଗାରୁଜା କରିଥିଲେ। ଏସମ୍ପର୍କରେ କମ୍ପାନୀ ପକ୍ଷରୁ ପୁରୁଷୋତ୍ତମ ରାଓ ଭାଜପା ନେତ୍ରୀ ସ୍ମୃତିରେଖା ପହି, ରାଇଛନ୍ଦା ଗ୍ରାମର ବିଷ୍ଣୁ ଚରଣ ସାହୁ ଓ ଅରୁଣ ଲେଙ୍କାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ତରଫରୁ ଜାତିଆଣା ଆକ୍ଷେପକୁ ନେଇ ଅଭିଯୋଗ ହୋଇଥିଲା। ତେବେ ଘଟଣାର ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ନେଇ ବୁଧବାର ମର୍ଜିତାପୁର କଲ୍ୟାଣ ମଣ୍ଡପଠାରେ ଏକ ବୈଠକ ହୋଇଥିଲା। ଏଥିରେ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ନଂ.୧୧।୨୨ ଓ ୧୪।୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡ଼ିଛି।

## ବାଲିଆ ପ୍ରାଥମିକ ଚିକିତ୍ସାଳୟର ସୁବର୍ଣ୍ଣ ଜୟନ୍ତୀ

ବରୀ,୧୪।୧(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ବାଲିଆ ପ୍ରାଥମିକ ଚିକିତ୍ସାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ସଦସ୍ୟ ତଥା ଶିକ୍ଷାବିତ୍ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ପ୍ରଫେସର ଡ. ଯଶୋବନ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମଳୟ କୁମାର ଜେନା, କବି ଡ. ଭାଗ୍ୟଧର ସାହୁ ଓ ବାଲିଆ ମେଡିକାଲ ଅଫିସର ଡ. ଜ୍ଞାନୀ ଚନ୍ଦ୍ରଶେଖର ବେହେରା ଯୋଗ ଦେଇଥିଲେ।

ସୁବର୍ଣ୍ଣ ଜୟନ୍ତୀ କମିଟି ସଦସ୍ୟ ମକର ଚରଣ ଘଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜୟନ୍ତୀ କମିଟି ଆବାହକ ନିମାଇଁ ରାୟ ସୁବର୍ଣ୍ଣ ଜୟନ୍ତୀର ଆଭିମୁଖ୍ୟ ଏବଂ ଓଡ଼ିଶାରେ ଏହା ପ୍ରଥମ ଡାକ୍ତରଖାନା ଯାହାର ସୁବର୍ଣ୍ଣ ଜୟନ୍ତୀ ପାଳନ ହେଉଛି ବୋଲି କହିଥିଲେ। କବି ତଥା ବରିଷ୍ଠ ସାମ୍ବାଦିକ ଶରତ କୁମାର ଜେନା ସମ୍ପାଦକୀୟ ପାଠ କରିଥିଲେ। ଜୟନ୍ତୀ କମିଟି ସଂଯୋଜକ କପିଳ ଚରଣ ସାମଲ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ବାଲିଆ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପରେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜୟନ୍ତୀ କମିଟି ତରଫରୁ ସ୍ମରଣିକା 'ସୁବର୍ଣ୍ଣସ୍ମୃତି' ଉନ୍ମୋଚିତ ହୋଇଥିଲା। ତେବେ ସୁବର୍ଣ୍ଣ ଜୟନ୍ତୀ ସହ କରୋନା ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ଅଭୟ ଶତପଥୀ ଓ ସାଥିଙ୍କ ଦ୍ୱାରା ପାରମ୍ପରିକ ଘୋଡା ନୃତ୍ୟ ସଭା ଅନ୍ୟତମ ଆକର୍ଷଣ ଥିଲା। ପରେ ଅନୁଷ୍ଠାନ ପ୍ରଥମ ସ୍ରଷ୍ଟା ତଥା ବାଲିଆ ପୂର୍ବତନ ସରପଞ୍ଚ ପଞ୍ଚାନନ ଜେନାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସୁବର୍ଣ୍ଣ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ସ୍ମରଣିକା 'ସୁବର୍ଣ୍ଣସ୍ମୃତି'କୁ ଉନ୍ମୋଚନ କରୁଛନ୍ତି।

## ଗୋଷ୍ଠୀ ସଂଘର୍ଷ: ୪ ଆହତ

ପଟ୍ଟାମୁଣ୍ଡାଇ,୧୪।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଞ୍ଚଳର ଜନୈକ ଦଳିତ ନାବାଳିକାଙ୍କୁ ଟିଉଶନ ମାଷ୍ଟର କୈଳାସ ପଣ୍ଡା ଅପହରଣ କରିଥିବା ଅଭିଯୋଗକୁ ୭ବର୍ଷ ବିତିଯାଇଛି। ସମ୍ପୃକ୍ତା ନାବାଳିକାଙ୍କୁ ଟିଉସନ ମାଷ୍ଟର ହତ୍ୟା କରିଥିବା ୨୦୨୧ ଡିସେମ୍ବରରେ ନାବାଳିକାଙ୍କ ବାପା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିବା ପରେ ମାମଲା ତଦନ୍ତ ପରିସର ରହିଛି। କିନ୍ତୁ ପୂର୍ବ ଘଟଣାକୁ ନେଇ ଗୁରୁବାର ଉଭୟପକ୍ଷଙ୍କ ମଧ୍ୟରେ ହଣାକଟା ହୋଇଥିଲା। ଏଥିରେ ୪ଜଣ ଆହତ ହୋଇଛନ୍ତି। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମାରପିଟ୍‌କୁ ନେଇ ପୃଥକ ଭାବେ ଥାନାରେ ୩ଟି ମାମଲା ରୁଜୁ ହୋଇଛି।

କୈଳାସଙ୍କ ସାନଭାଇ ବେନୁ ପଣ୍ଡା ଓରଫ ହାପି ଦେଇଥିବା ଏତଲାରେ ଭିନ୍ନ କଥା ଲେଖାଯାଇଛି। ଜମିଜମା ଘଟଣାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ କୋର୍ଟରେ ମାମଲା ଚାଲିଛି। ଗୁରୁବାର ଦଳିତ ସାହିର ୮ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରି ତାଙ୍କ ବାପା ନୃସିଂହଙ୍କ ମୁଣ୍ଡ ଫଟାଇଛନ୍ତି। ମା'ଙ୍କ ସୁନା ଚେନ୍ ଛିଣ୍ଡାଇ ନେଇଛନ୍ତି। ଘରର ଆସବାବପତ୍ର ଭଙ୍ଗାରୁଜା କରିବା ସହ ବାଇକ୍‌କୁ ପୋଡି ଦେଇଛନ୍ତି। ଦୋକାନ ଗ୍ରୀଲ ତାଡି ୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଦଳିତ ପରିବାର ପକ୍ଷରୁ ଗଗନ ମଲିକଙ୍କ ସାନ ଭାଇଙ୍କ ସ୍ତ୍ରୀ ଚନ୍ଦ୍ରାବତୀ ଦେଇଥିବା ଏତଲାରେ ରାତି ପ୍ରାୟ ୮ଟାରେ ତାଙ୍କ ପୁଅକୁ ହାପି, ବାପା ନୃସିଂହ ଓ ଅନ୍ୟ ୫ ସହଯୋଗୀ ଭୁଜାଲିରେ ଆକ୍ରମଣ କରିଥିଲେ। ପୁଅର ବାମ ହାତ ବୁଢା ଆଙ୍ଗୁଠି କଟି ଯାଇଛି। ତାଙ୍କ ପୁଅକୁ ରକ୍ଷା କରିବାକୁ ଆସିଥିବା ଗାଁର ସୁଦର୍ଶନ ମଲିକଙ୍କ ବାମହାତ ବାହୁରେ କ୍ଷତ ସୃଷ୍ଟି ହୋଇଛି। ଅଭିଯୁକ୍ତ ଜାତିଆଣ ଆକ୍ଷେପ କରିବା ସହିତ ଗାଳିଗୁଲଜ କରିଛନ୍ତି। ୩ୟ ଏତଲାଟି ମାଳିପୁର ଗ୍ରାମର ଜୀବନ ମଲିକ ଦାଏର କରିଛନ୍ତି। କୈଳାସ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ହତ୍ୟା ମାମଲାରେ ସେ ସାକ୍ଷୀ ଅଛନ୍ତି। ଗୁରୁବାର ପଟ୍ଟାମୁଣ୍ଡାଇ ତହସିଲ ରୋଡ ନିକଟରେ ତାଙ୍କୁ କୈଳାସ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ତାଙ୍କ ସାନଭାଇ ହାପି, ବାପା ନୃସିଂହ ମିଳିତ ଭାବେ ବିଧା ଚାପୁଡା ମାରିଥିଲେ। କୋର୍ଟକୁ ସାକ୍ଷୀ ଦେବାକୁ ଗଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ୩ଟି ଏତଲାରେ ଭିନ୍ନ ଅଭିଯୋଗ ଥିବାରୁ ମାମଲାଟି ଅଡୁଆ ହେବାରେ ଲାଗିଛି। ଆଇଆଇସି ତପନ କୁମାର ରାଉତଙ୍କୁ ପଚାରିବାରେ ସମସ୍ତ ଘଟଣାର ତଦନ୍ତ ଚାଲିଛି। ଘଟଣାସ୍ଥଳରେ ଉତ୍ତେଜନା ଥିବାରୁ ପୋଲିସ ମୁତୟନ କରାଯାଇଛି। ଆହତଙ୍କ ମଧ୍ୟରୁ ୩ ଜଣଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

## ପଟ୍ଟାମୁଣ୍ଡାଇ ବ୍ଲକର ୪୨୨ ବୁଥ୍‌ରେ ମତଦାନ

ପଟ୍ଟାମୁଣ୍ଡାଇ,୧୪।୧(ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତ ଚଳଚଞ୍ଚଳ ହୋଇ ଉଠିଛି। ପଞ୍ଚାୟତ ଅଫିସରେ ସରପଞ୍ଚ, ସମିତିସଭ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଜିଲା ଓ ବ୍ଲକ କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ଲକର ୩୧ ପଞ୍ଚାୟତ ଥିବା ବେଳେ ୪ଟି ଜିଲା ପରିଷଦ ଜୋନର ୧,୪୨,୬୨୪ ଭୋଟର ରହିଛନ୍ତି। ବ୍ଲକରେ ଫେବୃୟାରୀ ୨୦ରେ ଭୋଟ ଗ୍ରହଣ କରାଯିବ। ଭୋଟର ୪୨୨ ବୁଥରେ ମତଦାନ କରିବେ ବୋଲି ଗ୍ରାମପଞ୍ଚାୟତ ଅଫିସର ସୁକାନ୍ତ ନାୟକ କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସଭା, ଶୋଭାଯାତ୍ରାକୁ ବାରଣ କରାଯାଇଛି। ପ୍ରାର୍ଥୀ ସର୍ବାଧିକ ୫ ଜଣ ସମର୍ଥକଙ୍କୁ ନେଇ ମାସ୍କ ପିନ୍ଧି ଘରକୁ ଘର ବୁଲି ପ୍ରଚାର କରିବେ। ଭୋଟ ଗଣତି କେନ୍ଦ୍ର ବାହାରେ ଜନସମାଗମ ହୋଇପାରିବ ନାହିଁ ବୋଲି ବିଡିଓ ଭରତ ଚନ୍ଦ୍ର ପରିଡ଼ା କହିଛନ୍ତି।

## ଶ୍ରୀଗୋପୀନାଥ ଜୀଉ ୬୪ ବ୍ୟଞ୍ଜନରେ ଆପ୍ୟାୟିତ

କେନ୍ଦ୍ରାପଡ଼ା ଅଫିସ, ୧୪।୧

ଚଉଦକୁଲାଟସ୍ଥ ଶ୍ରୀଗୋପୀନାଥ ଜୀଉଙ୍କ ପୀଠରେ ମକର ସଂକ୍ରାନ୍ତିରେ ୬୪ ପ୍ରକାର ବ୍ୟଞ୍ଜନ ଶୁକ୍ରବାର ଲାଗି ହୋଇଛି। ଏହି ପର୍ବରେ ସାମିଲ ହେବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ବହୁ ଭିଡ ହୋଇଥିଲା। ପ୍ରତ୍ୟୁଷରୁ ମନ୍ଦିର ଶୋଧ ହୋଇଥିଲା। ନୀତିସ୍ନାନ ସହ ମଙ୍ଗଳ ଆଳତି ସମ୍ପୂର୍ଣ୍ଣ ପରେ ନିକଟସ୍ଥ ଶ୍ରୀ ରାଧାକାନ୍ତ ମନ୍ଦିରରୁ ଶ୍ରୀଗୋପୀନାଥଙ୍କ ଝିଅ ଓ ଜ୍ୱାଇଁ ରାଧାକୃଷ୍ଣଙ୍କୁ ଏକ ବିମାନ ଯୋଗେ ଅଣାଯାଇଥିଲା। ମନ୍ଦିରରେ ଭେଟଘାଟ ପରେ ବ୍ୟଞ୍ଜନ ପ୍ରସ୍ତୁତି ହୋଇଥିଲା। ଅନ୍ନ, ମହୁର, ଶାକର, ଖିରି, ପୁରୀ, ମାଲପୁଆ ସହ ମିଷ୍ଟାନ୍ନ ସାମିଲ ହୋଇଥିଲା। ଏହି ଅବସରରେ ମନ୍ଦିର ବେଢ଼ାରେ ଭଜନ, କୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମନ୍ଦିରର ସେବାୟତ ଓ ଟ୍ରଷ୍ଟୀମାନେ ଏହାକୁ ପରିଚାଳନା କରିଥିଲେ।

## ବିବେକାନନ୍ଦ ଜୟନ୍ତୀ

ଯାଜପୁର ସଦର,୧୪।୧(ଡି.ଏନ୍.ଏ.)

ଅଗ୍ରଣୀ ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଗୋଖନା ଛକସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସମାଜସେବୀ ହୃଷୀକେଷ ପତିଙ୍କ ଅଧ୍ୟକ୍ଷତାରେ ଯାଜପୁର ଚକ୍ଷୁବିଶେଷଜ୍ଞ ତଥା ନାଟ୍ୟକାର ଡ. ରାଜକିଶୋର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ସଂଗଠନର ଉପ-ସଭାପତି ପାଣ୍ଡବ ସାହୁଙ୍କ ପରିଚାଳନାରେ ଗୋଖନା ଛକଠାରୁ ଏନ୍‌ସି କଲେଜ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା।

## ମହାପୁରୁଷ ହାଡ଼ିଦାସଙ୍କ ଜୟନ୍ତୀ

ଛତିଆ,୧୪।୧(ଡି.ଏନ.ଏ.)

ସନ୍ଥକବି, ସମାଜ ସଂସ୍କାରକ ଓ ମାଳିକାକାର ମହାପୁରୁଷ ହାଡ଼ିଦାସଙ୍କ ୨୫୧ ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ହାଡ଼ିଦାସ ଜୟନ୍ତୀ କମିଟି ସଭାପତି ମୋହନ ଜେନା ନାଲେବେଗୀସ୍ଥିତ ମା' ବୀଣାପାଣିଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ଏକ ଘଟ କଳସ ମହାପୁରୁଷଙ୍କ ଜନ୍ମପୀଠ ଚମ୍ପାପୁରଠାରୁ ବାହାରି ସାଧନା ପୀଠ ଛତିଆ ବଟଦେଇ ଐତିହାସିକ ଅମାରାବତୀ ମଠରେ ସ୍ଥାପିତ ହୋଇଥିଲା। ପରମ୍ପରା ଅନୁଯାୟୀ ମକର ଭୋଗ ଲାଗି ହୋଇଥିଲା। ସମ୍ପାଦକ ଅନନ୍ତ କିଶୋର ଷେଣ୍ଢଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ମହେଶ୍ୱର ବେହେରା, ଧୀରେନ୍ଦ୍ର ନାଥ ରାଉତ, ରମେଶ ପୃଷ୍ଟି ଓ ପିଣ୍ଟୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫିକା ପଡ଼ିଲା ମକର ପର୍ବ

କାଳିଆପାଣି,୧୪।୧(ଡି.ଏନ.ଏ.)

କରୋନା କଟକଣା ଯୋଗୁ କୁଡୁମୀ ସମ୍ପ୍ରଦାୟର ଟୁସୁ ପର୍ବ ଫିକା ପଡ଼ିଛି। ଟୁସୁ ଦେବୀଙ୍କୁ ମନେ ପକାଇ କୁଡୁମୀ ସମ୍ପ୍ରଦାୟ ଲୋକେ ମକର ସଂକ୍ରାନ୍ତିକୁ ପାଳନ କରିଥାନ୍ତି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାରେ ମକର ପର୍ବକୁ ଗଣପର୍ବ ଭାବେ ପାଳନ କରାଯାଏ। କୁଡୁମୀ ସମ୍ପ୍ରଦାୟର ଲୋକଙ୍କ ଜୀବନ ଶୈଳୀ ଓ ପରମ୍ପରାରେ ମକର ପର୍ବର ଅଧିକ ଛାପ ଦେଖିବାକୁ ମିଳେ। ସୁକିନ୍ଦା ଅଞ୍ଚଳର କୁହିକା, ରଗଡା, ବରମକୁଣ୍ଡ ଓ ଅନଳ ପ୍ରମୁଖ ସ୍ଥାନରେ ମେଳା ଅନୁଷ୍ଠିତ ହୋଇଥାଏ। ତେବେ କଟକଣା ଯୋଗୁ ଲୋକେ ନିଜ ଘରେ ମହୋତ୍ସବ ପାଳନ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ବୁଗୁଡ଼ା (ଡି.ଏନ.ଏ.): ବୁଗୁଡ଼ା ଥାନା ଗୋଲାବଞ୍ଜର ରାମଚଣ୍ଡୀ ଠାକୁରାଣୀ ମନ୍ଦିର ପରିସରରେ ଶୁକ୍ରବାର ଜୁଆ ଖେଳ ଚାଲିଥିଲା। ଏସ୍ଆଇ କ୍ଷେତ୍ର ମୋହନ ସାହୁଙ୍କ ନେତୃତ୍ୱରେ ପୋଲିସ ସେଠାରେ ଚଢ଼ାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୩୦ ହଜାର ୫୪୦ ଟଙ୍କା ଜବତ କରିଛି। ଏନେଇ ନଂ. ୩୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ୯ ପ୍ରଜାତିର ୪୮୮ ବିଦେଶୀ ପକ୍ଷୀ

- ସାତକୋଶିଆ ଗଣ୍ଡରେ ପକ୍ଷୀ ଗଣନା
- ସୁନାଖଣିଆରେ ଇଣ୍ଡିଆନ ସ୍କିମର

ନୟାଗଡ଼ ଅଫିସ/ଗଣିଆ, ୧୪।୧(ଡି.ଏନ.ଏ.)

ନୟାଗଡ଼, ବୌଦ୍ଧ, କଟକ ଓ ଅନୁଗୋଳ ଜିଲାର ଅଂଶ ବିଶେଷକୁ ନେଇ ଗଠିତ ସାତକୋଶିଆ ଅଭାୟରଣ୍ୟ। ସାତକୋଶିଆ ଗଣ୍ଡ ଓ ବିଭିନ୍ନ ଜଳାଶ୍ରୟରେ ପକ୍ଷୀଗଣନା ଶେଷ ହୋଇଛି। ଏଠାରେ ଗତ ୫ ତାରିଖରୁ ୫ଦିନ ଧରି ପକ୍ଷୀ ଗଣନା ଚାଲିଥିଲା। ଚଳିତବର୍ଷ ଗଣିଆ ବ୍ଲକର ଛାମୁଣ୍ଡିଆଠାରୁ ଅନୁଗୋଳ ଜିଲାର ଅଇଡା ପର୍ଯ୍ୟନ୍ତ ମହାନଦୀରେ ପକ୍ଷୀ ଗଣନା ହୋଇଥିଲା। ଏଠାରେ ୫୫ ପ୍ରଜାତିର ୨୧୨୦ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ମହାନଦୀ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ଜଣାପଡିଛି। ତେବେ ଚଳିତବର୍ଷ ୯ ପ୍ରଜାତିର ୪୮୮ ବିଦେଶୀ ପକ୍ଷୀ ଆସିଛନ୍ତି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି। ଏହି ପକ୍ଷୀ କିଛି ବର୍ଷ ହେଲା ମହାନଦୀର ବଡମୂଳ ଅଞ୍ଚଳରେ ଶୀତ ଋତୁରେ ଦେଖାଯାଉଥିଲେ। ହେଲେ ଏ ବର୍ଷ ସୁନାଖଣିଆରେ ଦେଖା ଯାଇଛନ୍ତି। ଅନ୍ୟପକ୍ଷେ ଦେଶୀୟ ପକ୍ଷୀ କୋଚିଲା ଖାଇ ମହାନଦୀ ଅବବାହିକାର କୁତୁରୀ ଅଞ୍ଚଳରେ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କର ନାଁ ପକ୍ଷୀଗଣନା ରିପୋର୍ଟରେ ନାହିଁ।

ଚଳିତବର୍ଷ ବିଦେଶୀ ପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ୧୪୧ ଆସିଥିବାବେଳେ କେଣ୍ଟି ପ୍ଲୋଭର ୬୪ଟି ଆସିଛନ୍ତି। ସେହିଭଳି ଲିଟିଲ କିଙ୍ଗଡ୍ ପ୍ଲୋଭର ୨୪, କମନ କୁଇଙ୍ଗ ସେଙ୍କ ୨୭, ଲିଟିଲଷ୍ଟିଟଣ୍ଟ ୫, କମନ ସ୍ୟାଣ୍ଡ ପିପର ୨୩, ରୁଡି ସେଲଡକ ୭୧, ଗେଟ କର୍ମୋନେଣ୍ଟ ୧୩୧, ହୁଇସ୍କଡ ଟର୍ମ ୨ଟି ଅଛନ୍ତି। ଦେଶୀ ପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସାଗ୍ ୧୦୪, ଲିଟିଲ କରମୋରାଟ ୩୦୮, ଓରିଏଣ୍ଟାଲ ଡାଟର ୨, ବ୍ଲକ ଡ୍ରଙ୍ଗୋ ୧୯ ଅଛନ୍ତି। ଏହିପରି ୪୬ ପ୍ରଜାତିର ୧୬୩୨ ଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ଏ ନେଇ ମହାନଦୀ ବନ୍ୟ ପ୍ରାଣୀ ବନଖଣ୍ଡର ଡିଏଫ୍ଓ ସମୀର ଶତପଥୀ କୁହନ୍ତି, ଚଳିତ ବର୍ଷ ବିଳମ୍ବରେ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଇଣ୍ଡିଆନ ସ୍କିମର ଥିବାବେଳେ ୨ୟ ପସନ୍ଦରେ ରୁଡି ସେଲଡକ ରହିଛନ୍ତି।


ସୁନାଖଣିଆରେ ଇଣ୍ଡିଆନ ସ୍କିମର।

## ସଂକ୍ଷେପରେ

### ୨୭ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଆସିକା,୧୪।୧(ଡି.ଏନ.ଏ):** ଆସିକା ଏନ୍ଏସିର ପାକଲାପଲ୍ଲୀ ଛକ ନିକଟରୁ ଶୁକ୍ରବାର ଭୋର୍‌ରେ ପୋଲିସ ଗୋଟିଏ ଗଞ୍ଜେଇ ବସ୍ତା ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାରର ଭିତହା ଥାନା ଇଲାକାର ରାମାୟଣ ଯାଦବ ଓ ଧାନାହା ଥାନା ଇଲାକାର ଝିନୁ ଚୌଧୁରୀ। ଅଭିଯୁକ୍ତଙ୍କ ନିକଟରୁ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ଉପସ୍ଥିତିରେ ପୋଲିସ ୨୭ କେଜି ୮ଶହ ଓଜନର ଗଞ୍ଜେଇ ଜବତ କରିଛି। ଏ ନେଇ ଆସିକା ଥାନାରେ ନଂ.୨୨/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗଞ୍ଜେଇ ସବୁ କନ୍ଧମାଳରୁ ଆସିଥିଲା ଏବଂ ଅଭିଯୁକ୍ତମାନେ ବିହାର ନେବା ଲାଗି ଚକରରେ ଥିଲେ। ଭୋରରୁ ପୋଲିସର ପାଟ୍ରୋଲିଂ ବେଳେ ଧରାପଡ଼ିଥିଲେ।

### ବନ୍ଧୁକ ଦେଖାଇ ଲୁଟ୍ ଘଟଣା, ୨ ଗିରଫ

**ଛତ୍ରପୁର,୧୪।୧(ଡି.ଏନ.ଏ):** ଛତ୍ରପୁର ଥାନା ବଡମାଧପୁର ଗାଁର ପ୍ରଦୀପ କୁମାର ପଣ୍ଡାଙ୍କ ଘରୁ ଗତ ଅକ୍ଟୋବର ୧୬ ତାରିଖ ସନ୍ଧ୍ୟାରେ ଟଙ୍କା, ସୁନା ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁର ଗୌଡ ସାହିର ଶଙ୍କର ବେହେରା ଓ ବଡବାଉରି ସାହିର କାଳିଆ ଦାସ। ସୂଚନାଯୋଗ୍ୟ, ୩ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ପ୍ରଦୀପଙ୍କ ଘରେ ପଶି ବନ୍ଧୁକ ଦେଖାଇ ମଙ୍ଗଳସୂତ୍ର, କାନଫୁଲ, ରୁପା ଅଳଙ୍କାର, ବ୍ରେସଲେଟ୍ , ୧୫ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ନେଇଯାଇଥିଲେ। ଘଟଣା ପରଦିନ ଅର୍ଥାତ୍ ୧୭ ତାରିଖରେ ପ୍ରଦୀପଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୩୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନଙ୍କ ମଧ୍ୟରୁ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ମଙ୍ଗଳସୂତ୍ର, ରୂପା ଅଳଙ୍କାର ଜବତ ହୋଇଛି।

### ମାରଦା ଛକରୁ ଲୁଟ୍ ଘଟଣା, ୩ ଗିରଫ

**ପୋଲସରା,୧୪।୧(ଡି.ଏନ.ଏ.):** ପୋଲସରା ସହରସ୍ଥିତ ସୂର୍ଯ୍ୟୋଦୟ ଫାଇନାନ୍ସ ବ୍ୟାଙ୍କର କର୍ମଚାରୀ ଶ୍ରୀଧର ନାୟକଙ୍କଠାରୁ ଗତ ଡିସେମ୍ବର ୧୬ ତାରିଖରେ ଲୁଟ ହୋଇଥିଲା। ମଥୁରା ମାରଦା ମନ୍ଦିର ନିକଟରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ୧ ଲକ୍ଷ ୧୪ ହଜାର ୩୯୧ଟଙ୍କା ଥିବା ବ୍ୟାଗ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ବୁଗୁଡ଼ାରୁ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ନୂଆସାପୁର ଗ୍ରାମର ଏମ. କାଳି, ଆଉଲା ଶିବ ଓ ପାକାଲାପଲି ଗ୍ରାମର ଆଉଲା ସନ୍ତୋଷ। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୯୮ହଜାର ୫ଶହ ଟଙ୍କା, ବାଇକ୍ (ନଂ.ଓଡ଼ି ୨୫ ଏ ୦୮୬୧)ଓ ଏକ ଚାବି ଜବତ କରଛି। ଶୁକ୍ରବାର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ପୋଲସରାରେ ଏହି ସୂଚନା ଦେଇଛନ୍ତି।

### ଏନ୍ଏସ୍ଏସ୍ ଶୀତ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୪।୧:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ୭ ତାରିଖରୁ ଆରମ୍ଭ ହୋଇଥିବା ଶୀତ ଶିବିର ଗୁରୁବାର ଭର୍ଚୁଆଲରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ ମହାନ୍ତି ଯୋଗ ଦେଇଥିଲେ। ଏନ୍ଏସ୍ଏସ୍ ସଂଯୋଜକ ଡ.ଧ୍ରୁବ ଚରଣ ପଣ୍ଡାଙ୍କ ସମେତ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ଇତିଶ୍ରୀ ଗୀତା କୁମାରୀ, ଡ.ସମୀର ଭୋଇ ଓ ଡ.ଶକ୍ତି ରଞ୍ଜନ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ୩ ୟୁନିଟର ୭୫ ସ୍ୱେଚ୍ଛାସେବୀଙ୍କ ସମେତ କିଛି ଗ୍ରାମବାସୀ ଭର୍ଚୁଆଲ ମାଧମରେ ଯୋଡ଼ି ହୋଇଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ, ଗୀତା ଯଜ୍ଞ

**ଖଣ୍ଡପଡା,୧୪।୧(ସ୍ୱ.ପ୍ର.):** ବଡ଼ବାଣପୁର ପଞ୍ଚାୟତ ଅନ୍ତର୍ଗତ ଚୈତନ୍ୟପୁର ଗାଁର ଶ୍ରୀଆନନ୍ଦେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ କୋଭିଡ୍ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଜଳ ଯାତ୍ରା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ କୋଭିଡ୍ କଟକଣା ସମବେତ ହୋଇଥିଲେ।

## ବାଇକ୍-ବୋଲେରୋ ଧକ୍କା, ଜଣେ ମୃତ

ନୟାଗଡ଼ ଅଫିସ,୧୪।୧

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ତୁଳସୀପୁରଠାରେ ଶୁକ୍ରବାର ବାଇକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ମୃତ ଓ ଗୁରୁତରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଘଟଣାର ତଦନ୍ତ ଆରମ୍ଭ କରିଛି। ସେମାନଙ୍କର ପରିଚୟ ଜଣାପଡିନି। ତେବେ ଉଭୟେ ବାଇକ୍‌ରେ ଥିଲେ ବୋଲି ଜଣାପଡିଛି।

## ଓବିସି ବର୍ଗର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଉ

ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ଜିଲା ପରିଷଦ ଆସନ ନିମନ୍ତେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚାଲିଛି। ପ୍ରକାଶିତ ସଂରକ୍ଷିତ ତାଲିକାରୁ ଓବିସି (ପଛୁଆ ବର୍ଗ)ଙ୍କୁ ସମ୍ପୂର୍ଣ୍ଣ ଭାବେ ବାଦ ଦିଆଯାଇଛି। ବ୍ଲକ ଅଧୀନ ୫ନଂ. ଜିଲା ପରିଷଦ ଜୋନ ସାଧାରଣ ବର୍ଗ ଥିବା ବେଳେ ୬ ଓ ୭ ନଂ. ଜୋନ ସାଧାରଣ ବର୍ଗର ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଏହି ୩ଟି ଜୋନ ପାଇଁ ବିଜେଡିର ବହୁ ପୁରୁଖା ନେତା ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। ଅନୁରୂପ ଭାବେ ଭାଜପା ଓ କଂଗ୍ରେସ ଦଳରୁ ପ୍ରାର୍ଥୀ ହେବାକୁ ବହୁ ଦଳୀୟ କର୍ମୀ ଆବେଦନ କରିଥିବା ଜଣାଯାଇଛି। ତେଣୁ ଦଳର ମୁଖିଆମାନେ ଜିଲା ପରିଷଦ ଆସନ ନିମନ୍ତେ ପ୍ରାର୍ଥୀ ଚୟନ ବେଳେ ପଛୁଆବର୍ଗର ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରିବାକୁ ସାଧାରଣରେ ଦାବି ହେଉଛି। ଯଦି ପଛୁଆ ବର୍ଗରୁ ଆଶାୟୀ ବ୍ୟକ୍ତିମାନେ ପ୍ରାର୍ଥୀ ଚୟନରୁ ବାଦ୍ ପଡ଼ନ୍ତି ତାହା ହେଲେ ନିର୍ବାଚନରେ ବିଦ୍ରୋହୀ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବେ ବୋଲି ଏବେଠାରୁ ଚର୍ଚ୍ଚା ଜୋର ଧରିଛି।

# ଶ୍ରୀରଘୁନାଥ ଜୀଉ ପୀଠରେ ମକର ସଂକ୍ରାନ୍ତି

ଓଡ଼ଗାଁ,୧୪।୧( ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ଶୁକ୍ରବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ଦିନତମାମ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖୋଲା ରହିଥିଲା। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ମନ୍ଦିର ପରମ୍ପରା ଅନୁସାରେ ବର୍ଷର ଏହି ଗୋଟିଏ ଦିନ ଶ୍ରୀଜୀଉଙ୍କ ଦିବା ପହୁଡ଼ ପଡ଼ି ନ ଥାଏ। ମକର ପର୍ବ ନୀତି ଅନୁସାରେ ଭୋର୍ ସାଢ଼େ ୪ଟାରେ ଦ୍ୱାରଫିଟା ନୀତି ଆରମ୍ଭ ହୋଇ ୫ଟାରେ ମଙ୍ଗଳ ଆଳତି, ପଞ୍ଚାମୃତ ସ୍ନାନ, ମହାସ୍ନାନ, ତଡ଼ପଲାଗି, ମଇଲମ, ଖଟଣୀ ନୀତି ପରେ ଶ୍ରୀଜୀଉମାନଙ୍କୁ ମଣ୍ଡାମାଳ ଲାଗି କରାଯାଇ ମକର ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ୬ଟାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଭାଗବତ ଜୀଉ ପୂଜା ପରେ ବଲ୍ଲଭ ନୀତି ଲାଗି ହୋଇଥିଲା। ପରେ ଖେଚୁଡି ଧୂପ, କର୍ପୂର ଆଳତି, ମହାଆଳତି, ଚାମର ସେବା ନୀତି ସମାପନ ହୋଇଥିଲା। ସନ୍ଧ୍ୟାରେ ପ୍ରଭୁଙ୍କ ମକର ବେଢ଼ା ନୀତି ହୋଇଥିଲା। ୩ଜଣ ପୂଜାପଣ୍ଡା ନିଷ୍ଠାର ସହ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ସରାପାତ୍ରରେ ମକର, ସାକର, ଦହି ଓ ପାନକୁ ଯୋଡ଼ହସ୍ତରେ ଧରି ପାଟବସ୍ତ୍ର ଘୋଡ଼ାଇ ଏକ ସ୍ୱତନ୍ତ୍ର ପଟୁଆରରେ ଘଣ୍ଟ, କାହାଳି, ତ୍ରାସ୍, ଛତି, ସଂକୀର୍ତ୍ତନ ସହ ୩ ବେଢା ମନ୍ଦିର ପରିକ୍ରମା କରି ଶ୍ରୀଜୀଉଙ୍କୁ ଲାଗି କରିଥିଲେ। ଦିବା ପହୁଡ଼ ରାତ୍ର ୯ଟାବେଳେ କରାଯାଇ ପୁନଶ୍ଚ ରାତ୍ର ୧୦ ବେଳେ ଦ୍ୱାରଫିଟା ହୋଇ ଆବଶ୍ୟକ ନୀତି ପାଳନପୂର୍ବକ ସାଢେ ୧୦ଟାରେ ବଡ଼ ସିଂହାର ନୀତି ପରେ ପହୁଡ଼ ପଡିଥିଲା। ପାଳିଆ ପଣ୍ଡା ବେଣୁଧର ନନ୍ଦ, ବାର ଦେଉଳୀ ପାଳିଆ ପଣ୍ଡା, ପୂଜକ ପରିଷଦ ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ ଓ ପୂଜକ ପରିଷଦର କର୍ମକର୍ତ୍ତାମାନେ ସମସ୍ତ ନୀତି କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ଷର ଗୋଟିଏ ଦିନ ମକର ସଂକ୍ରାନ୍ତିରେ କୋଭିଡ୍ ନିୟମାନୁସାରେ ଦିନତମାମ୍ ଅଗଣତି ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି।


ଶ୍ରୀଜୀଉଙ୍କୁ ମଣ୍ଡାମାଳରେ ଲାଗି କରାଯାଇଛି ।

# ସରପଞ୍ଚ, ସମିତିସଭ୍ୟ ପାଇଁ ବହୁ ଆଶାୟୀ

ନୂଆଗାଁ, ୧୪।୧ (ଡି.ଏନ.ଏ)

ଦଶପଲ୍ଲା ନିର୍ବାଚନମଣ୍ଡଳୀ ନୂଆଗାଁ ବ୍ଲକର ପ୍ରତି ପଞ୍ଚାୟତରେ ବିଜେଡିର ଦଳୀୟ ସମର୍ଥିତ ପ୍ରାର୍ଥୀ ହେବା ପାଇଁ ବହୁ ଆଶାୟୀ ଥିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ୧୭ ତାରିଖରୁ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ। ନୂଆଗାଁ ବ୍ଲକର ୨୨ଟି ପଞ୍ଚାୟତରେ ବିଜେଡି ନିଜର ଦଳୀୟ ସମର୍ଥିତ ପ୍ରାର୍ଥୀ ଦେବାକୁ ମହିପୁରସ୍ଥିତ ରାମଚଣ୍ଡୀ କଲ୍ୟାଣ ମଣ୍ଡପଠାରେ ଦୁଇଦିନ ହେଲା ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଚୟନ ଚାଲିଛି। ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରତିଦିନ କେତେଗୋଟି ପଞ୍ଚାୟତର ଆଗ ଧାଡିର ନେତାଙ୍କୁ ଡାକି ସେମାନଙ୍କ ମତାମତ ନେବା ସହ ନିର୍ବାଚନ ରଣାଙ୍ଗନରେ ଲଢିବାକୁ ଆଗ୍ରହୀ ପ୍ରାର୍ଥୀମାନଙ୍କ ନାମ ପଚାରି ବୁଝୁଛନ୍ତି। ସେଠାରେ ପ୍ରାର୍ଥୀ ଚୟନ କରିବାର ବ୍ୟବସ୍ଥା କରିଥିଲେ ମଧ୍ୟ ଦଳ ମଧ୍ୟରେ ଅନେକ ଆଶାୟୀ ପ୍ରାର୍ଥୀଙ୍କ ନାମ ଆସୁଥିବାରୁ କାହାରି ନାମକୁ ଘୋଷଣା ନ କରି ପରେ ଜଣାଇ ଦିଆଯିବ ବୋଲି କହି କର୍ମୀଙ୍କୁ ଫେରାଇ ଦେଉଛନ୍ତି। ଏପରି କି ଗୋଟିଏ ଗୋଟିଏ ପଞ୍ଚାୟତରେ ସରପଞ୍ଚ ପାଇଁ ୫ ଜଣ ଓ ସମିତିସଭ୍ୟ ପାଇଁ ୬ ଜଣ ଲେଖାଏ ଆଶାୟୀ ଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଦଳ ମଧ୍ୟରେ କନ୍ଦଳ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରାର୍ଥୀ ଚୟନ ପାଇଁ ବିଧାୟକ ବେହେରା କି ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବା ପାଇଁ ଜନତା ଉତ୍ସୁକତାର ସହ ଚାହିଁଛନ୍ତି।

# ସିଦ୍ଧେଶ୍ୱର ମହାଦେବ ଦକ୍ଷିଣକୁ ଢଳିଲେ

ଖଣ୍ଡପଡା,୧୪।୧(ସ୍ୱ.ପ୍ର)

ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳରେ ଶୁକ୍ରବାର ମକର ପର୍ବ ପାଳିତ ହୋଇଯାଇଛି। ନୂଆ ଚାଉଳ, କଦଳୀ, ନଡ଼ିଆ, ଛେନା ଓ ଲିଆ କିମ୍ବା ମୁଆଁ ନେଇ ମକର ଚାଉଳ ଭୋଗ ପ୍ରସ୍ତୁତ କରାଯାଇଥାଏ। ଏହାକୁ ବିଭିନ୍ନ ଦେବଦେବୀଙ୍କୁ ଅର୍ପଣ କରାଯିବା ପରେ ପରିବାରର ସମସ୍ତ ସଦସ୍ୟ ସେବନ କରିଥାନ୍ତି। ଏହି ସଂକ୍ରାନ୍ତିରୁ ନୀଳମାଧବ ଜୀଉଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ବିରାଜିତ ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମକର ସଂକ୍ରାନ୍ତିଠାରୁ ଉତ୍ତରାୟଣ ବା ଉତ୍ତର ଦିଗକୁ ଗତି କରିଥାନ୍ତି। ଏ ପରିପ୍ରେକ୍ଷୀରେ ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗଟି ଆପଣା ଛାଏଁ ସୂର୍ଯ୍ୟଙ୍କ ଗତିର ବିପରିତ ଦିଗ ଦକ୍ଷିଣକୁ ଢଳିଥିବା ଦେଖିବାକୁ ମିଳିଛି। ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କ ମକର ଚାଉଳ ଓ ୮୪ ପ୍ରକାର ବ୍ୟଞ୍ଜନ ଲାଗି ହୋଇଛି।


ସିଦ୍ଧେଶ୍ୱର ମହାଦେବ ଦକ୍ଷିଣକୁ ଢଳିଛନ୍ତି।

## କଟକଣା ଯୋଗୁ ମକର ଯାତ୍ରା ଫିକା ପଡ଼ିଲା

ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ ସମସ୍ତ ପୁରପଲ୍ଲୀରେ ଅବସ୍ଥିତ ମନ୍ଦିରରେ ମକର ଯାତ୍ରା କୋଭିଡ୍ କଟକଣା ପାଇଁ ଫିକା ପଡ଼ିଛି। ଦେବଦେବୀ ପୀଠଗୁଡ଼ିକରେ ପୂଜାର୍ଚ୍ଚନା ନିମନ୍ତେ ପ୍ରତ୍ୟୁଷରୁ ଅନେକ ଶ୍ରଦ୍ଧାଳୁ ଆସି ଶ୍ରୀଜୀଉଙ୍କ ଦର୍ଶନ ବାରଣ କରାଯାଇଥିବାରୁ ଫେରିଥିବା ଜଣାପଡ଼ିଛି। ପ୍ରତ୍ୟେକ ପୀଠରେ ବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ଖଣ୍ଡପଡ଼ା ସହରର ମା' ବାଉରୀ ଠାକୁରାଣୀଙ୍କ ପୀଠ, କଳସପଲ୍ଲୀ ସ୍ଥିତ ପଞ୍ଚମୁଖି ହନୁମାନଙ୍କ ପୀଠ, ୨ ନଂ. ୱାର୍ଡସ୍ଥିତ ସଙ୍କଟମୋଚନ ହନୁମାନଙ୍କ ପୀଠରେ ମକର ପର୍ବ କୋଭିଡ୍ କଟକଣାରେ ଅନୁଷ୍ଠିତ ହୋଇଯାଇଛି।

# ଏନ୍ଏସି ନ କରିବାର ପ୍ରତିବାଦ : ଭୋଟ ବର୍ଜନ ଚେତାବନୀ

**ଶରଣକୁଳ, ହରିହରପୁର ପଞ୍ଚାୟତ**

ନୟାଗଡ଼ ଅଫିସ,୧୪।୧

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଶରଣକୁଳ ଓ ହରିହରପୁର ପଞ୍ଚାୟତର ବାସିନ୍ଦା ଭୋଟ ବର୍ଜନ କରିବେ ବୋଲି ଶୁକ୍ରବାର ଚେତାବନୀ ଦେଇଛନ୍ତି। ଶରଣକୁଳରେ ଏନ୍ଏସି ନ କରିବାର ପ୍ରତିବାଦରେ ଦୁଇ ପଞ୍ଚାୟତବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଦୁଇ ପଞ୍ଚାୟତରେ ସଚେତନତା ସୃଷ୍ଟି କରାଯାଉଛି। ଅଭିଯୋଗ ଅନୁସାରେ, ୫ ବର୍ଷ ତଳେ ଶରଣକୁଳ, ଶିଖରପୁର ଓ ହରିହରପୁରକୁ ନେଇ ଶରଣକୁଳ ଏନ୍ଏସି ଗଠନ କରିବାକୁ ସ୍ଥାନୀୟ ବାସିନ୍ଦା ସରକାର ଓ ପ୍ରଶାସନକୁ ଅବଗତ କରାଇଥିଲେ। ପରେ ୨ ବର୍ଷ ପରେ ଶିଖରପୁରକୁ ବାଦ୍ ଦେଇ ପୁଣି ୨ୟ ବାର ଦାବି କରିଛନ୍ତି। ହେଲେ ସରକାର ଦୁଇ ପଞ୍ଚାୟତବାସୀଙ୍କ ଦାବିକୁ ଅଣଦେଖା କରୁଥିବାରୁ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏପରିକି ଧୀରେ ଧୀରେ ଏହା ଆନ୍ଦୋଳନର ରୂପ ନେବାରେ ଲାଗିଛି।

## ବଢୁଛନ୍ତି କରୋନା ରୋଗୀ

ନୟାଗଡ଼ ଅଫିସ,୧୪।୧

ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଶୁକ୍ରବାର ରିପୋର୍ଟରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୧ ରହିଛି। ଭାପୁର ବ୍ଲକରେ ୨, ଦଶପଲ୍ଲାରେ ୧୦, ଖଣ୍ଡପଡାରେ ୭, ନୟାଗଡ଼ରେ ୧୫, ନୂଆଗାଁରେ ୮, ଓଡ଼ଗାଁରେ ୧୭, ରଣପୁର ବ୍ଲକରେ ୨୧, ନୟାଗଡ଼ ମ୍ୟୁନିସିପାଲିଟିରେ ୪୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଖଣ୍ଡପଡା,୧୪।୧(ସ୍ୱ.ପ୍ର.)

ସଙ୍କଟମୋଚନ ହନୁମାନ ପୀଠରେ କିଆଝର ପଞ୍ଚାୟତ ଗୋଛାବାରୀ ରାମଦୟା ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞ କାର୍ଯ୍ୟକ୍ରମ ଶୁକ୍ରବାର ମକର ସଂକ୍ରାନ୍ତିରେ ଶେଷ ହୋଇଛି। ଏହି ଅବସରରେ ପ୍ରତ୍ୟହ ସକାଳ ୬ରୁ ସାଢେ ୭ଟା ପର୍ଯ୍ୟନ୍ତ ସୂର୍ଯ୍ୟ ପୂଜା ଓ ପୂର୍ବାହ୍ନ ୮ରୁ ୧୨ଟା ପର୍ଯ୍ୟନ୍ତ ପାରାୟଣ କାର୍ଯ୍ୟକ୍ରମ ବ୍ୟାସ ପଣ୍ଡିତ ସୁବାସ ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରମଣି ରଞ୍ଜନ ଦାସ, କୃଷ୍ଣଚନ୍ଦ୍ର କର, ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ।


ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଶେଷରେ ହେଉଥିବା ଯଜ୍ଞ।

# ଠକରା ବାଦ୍ୟ ମନ ମୋହୁଛି

ନୟାଗଡ଼ ଅଫିସ,୧୪।୧

ଦୁଇ ଇଞ୍ଚ ମୋଟା ଓ ଏକ ଫୁଟ ଲମ୍ବର ଦୁଇଟି ଶିଶୁ କାଠରେ ନିର୍ମାଣ ହୋଇଛି ଠକରା ବାଦ୍ୟ। ଏଥିରେ ୩୫ଟି ଘାଗୁଡ଼ି ଝୁମୁକା, ୪ଟି ଛନ୍ଦ କାଠି, ୧୨ ଫୁଟ ଲମ୍ବର ପ୍ଲାଷ୍ଟିକ ଡୋର ଓ ୩ ଫୁଟ ଲମ୍ବର ଶାଗୁଆନ ବାଡ଼ି ରହିଛି। ଏହି ବିଲୁପ୍ତ ବାଦ୍ୟ ଧୀରେ ଧୀରେ ଲୋକପ୍ରିୟ ହେଉଛି। ଏହାକୁ ଲୋକଲୋଚନକୁ ଆଣିଥିବାରୁ ନବମ ଶ୍ରେଣୀ ଛାତ୍ର ସଂଗ୍ରାମ କେଶରୀ ସ୍ୱାଇଁ ଏବେ ଚର୍ଚ୍ଚାରେ। ତାଙ୍କ ଘର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡିପଲ୍ଲୀରେ। ସଂଗ୍ରାମ ଅତି ସହଜରେ ପାଟି ଛାତିକୁ ହାତରେ ବାଡ଼ାଇ ଠକରା ବାଦ୍ୟ ସାହାଯ୍ୟରେ ବିଭିନ୍ନ ପ୍ରକାର ମ୍ୟୁଜିକ୍ କରିପାରୁଛନ୍ତି। ସଂଗ୍ରାମ ୭ ବର୍ଷ ବୟସରୁ ଅଜାଙ୍କଠାରୁ ଏହି ବାଦ୍ୟ ବଜାଇବା ଓ ନିର୍ମାଣ ନେଇ ଶିଖୁଥିଲେ। ଲକ୍‌ଡାଉନ ସମୟରେ ଠକରା ବାଦ୍ୟ ଯନ୍ତ୍ରଟି ନିର୍ମାଣ କରିଥିଲେ। ସୋସିଆଲ ମିଡ଼ିଆରେ ଠକରା ବାଦ୍ୟ ଅଧିକରୁ ଅଧିକ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଟୁଇଟରରେ ସଂଗ୍ରାମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗୋଡିପଲ୍ଲୀ ନବମ ଶ୍ରେଣୀରେ ପାଠପଢୁଥିବା ସଂଗ୍ରାମଙ୍କ ନିଶା ବିଲୁପ୍ତ ହୋଇଯାଇଥିବା ଠକରା ବାଦ୍ୟ କଳାକୁ ପୁଣି ଲୋକଲୋଚନକୁ ଆଣିବା। ଏଥିପାଇଁ ସଂଗ୍ରାମଙ୍କର ୭ ବର୍ଷର ପ୍ରୟାସ ସଫଳ ହୋଇଛି। ସ୍କୁଲଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହି ବାଦ୍ୟକୁ ବଜାଇ ଲୋକଙ୍କ ମନ ମୋହୁଛନ୍ତି। ପୂର୍ବରୁ ଏହି ବାଦ୍ୟ ଯନ୍ତ୍ର ସାହାଯ୍ୟରେ ଦଣ୍ଡ ନୃତ୍ୟ, ରାମଲୀଳା, କୃଷ୍ଣଲୀଳା ଭଳି ପୌରାଣିକ ନାଟକ ପରିବେଷଣ କରାଯାଉଥିଲା। ତେବେ ବ୍ୟବହାର ଅଭାବରୁ କାଳକ୍ରମେ ଠକରା ବାଦ୍ୟ ଲୋପପାଇବାକୁ ବସିଛି। ଅଜାଙ୍କଠାରୁ ଠକରା ବାଦ୍ୟ ଯନ୍ତ୍ର ସମ୍ପର୍କରେ ଶୁଣି ସଂଗ୍ରାମ ଏହାକୁ ତିଆରି କରିଥିଲେ। ତାଙ୍କ ଅଜା ଏଥିପାଇଁ ସବୁ ପ୍ରକାର ସହଯୋଗ କରିଥିଲେ। ଏ ନେଇ ବାପା ଗଦାଧର ସ୍ୱାଇଁ କୁହନ୍ତି, ସଂଗ୍ରାମ ଭଲ ପାଠ ପଢ଼ନ୍ତି। ବିଲୁପ୍ତ ବାଦ୍ୟ ଯନ୍ତ୍ର ଠକରାକୁ ଲୋକଲୋଚନକୁ ଆଣିବା ପରେ ସଂଗ୍ରାମଙ୍କୁ ସରକାରୀ ସ୍ତରରେ ସାହାଯ୍ୟ ସହଯୋଗ ଯୋଗାଇବା ଦରକାର। ଅନ୍ୟପକ୍ଷେ ଜିଲା ପ୍ରଶାସନ ଠକରା ବାଦ୍ୟର କଳାକୁ ସରକାରୀ ମାନ୍ୟତା ଦେବାକୁ ସେ ଅନୁରୋଧ କରିଛନ୍ତି।


ଠକରା ବାଦ୍ୟ ସହ ସଂଗ୍ରାମ।